## ୨ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ

ଆଠଗଡ଼,(ସ୍ୱ.ପ୍ର.): ଖୁଣ୍ଟୁଣୀ-ନରସିଂହପୁର ରାସ୍ତାର ଆଠଗଡ଼ ଥାନା ଗୋପୀନାଥପୁର ଛକସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୁଣ୍ଟୁଣୀ ତୋଟାପଡ଼ା ଅଞ୍ଚଳର ଅଜୟ ମହାନ୍ତି (୨୪)। ଗୁରୁତର ହେଲେ ଖୁଣ୍ଟୁଣୀ ଗ୍ରାମର ସୌମ୍ୟରଞ୍ଜନ ସାହୁ। ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆଠଗଡ଼ ପୋଲିସ ମୃତଦେହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ମାମଲା (ନଂ-୨୨୫/୨୦) ରୁଜୁ ହୋଇଛି।

**ସଂକ୍ଷେପରେ**

### ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ୍

**ନିମାପଡ଼ା,୨।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରତାପସେନ ସ୍ୱାଇଁଙ୍କୁ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସରପଞ୍ଚ ସ୍ୱାଇଁ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପୋଲିସ ନଂ.୨୦୩/୨୦ରେ ମାମଲା ରୁଜୁ କରିଛି। ସରପଞ୍ଚ ସ୍ୱାଇଁ ମଙ୍ଗଳବାର ତାଙ୍କ ପଞ୍ଚାୟତର ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ନେଇ ଗାଡ଼ିରେ ଭୁବନେଶ୍ୱରରୁ ଆସୁଥିଲେ। ମାତ୍ର ନିମାପଡ଼ା-ପିପିଲି ମୁଖ୍ୟରାସ୍ତାରେ ବନ୍ୟାଜଳ ଥିବାରୁ ସରପଞ୍ଚ ଗରପଦା ଛକରେ ରିଲିଫ ସାମଗ୍ରୀକୁ ଏକ ଟ୍ରାକ୍ଟର ଯୋଗେ ଆଣୁଥିବାବେଳେ ହରିଶପୁର ଗ୍ରାମ ନିକଟରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ଜୋରଜବରଦସ୍ତ ଗାଡ଼ି ଆଗକୁ ଆସି ଜବରଦସ୍ତ ସାମଗ୍ରୀ ଛଡ଼ାଇ ନେଇଥିଲେ। ଏହାକୁ ସରପଞ୍ଚ ସ୍ୱାଇଁ ବିରୋଧ କରିବାରୁ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହାସହ ସରପଞ୍ଚ ସ୍ୱାଇଁଙ୍କ ଏକ ସୁନା ବେସ୍‌ଲେଟ ଓ ଘଣ୍ଟା ଛଡ଼ାଇ ନେଇଯାଇଛନ୍ତି। ସନ୍ଧ୍ୟାରେ ସରପଞ୍ଚ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ରିଲିଫ ସାମଗ୍ରୀ ବୋଝେଇ ଟ୍ରାକ୍ଟର ଡ୍ରାଇଭର ଶେଉଳ ସାହି ଗ୍ରାମର ଦୀପ୍ତିରଞ୍ଜନ ବାଘଙ୍କୁ ମାଡ଼ମାରି ଟଙ୍କା, ଫୋନ ନେଇଯାଇଥିବା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

### ଅସ୍ଥାୟୀ ଶେଡ୍ ନିର୍ମାଣକୁ ବିରୋଧ

**ପୁରୀ ଅଫିସ,୨।୯:** ସିଂହଦ୍ୱାର ସମ୍ମୁଖରେ ଗତବର୍ଷ ଡିସେମ୍ବରରେ ନିର୍ମାଣ କରାଯାଇଥିବା ଶେଡ୍ ଏବଂ ବ୍ୟାରିକେଡ୍‌କୁ ରଥଯାତ୍ରା ପାଇଁ ଖୋଲାଯାଇଥିଲା। ରଥଯାତ୍ରା ସରିବା ପରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ବି ଖୋଲାସରିଛି। ଏହାପରେ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଶେଡ୍ ଓ ବ୍ୟାରିକେଡ୍ କାମ ବୁଧବାରଠାରୁ ଆରମ୍ଭ ହୋଇଛି। ତେବେ ଏହି ଅସ୍ଥାୟୀ ଶେଡ୍ ନିର୍ମାଣକୁ ନେଇ ସହରବାସୀ ଏବଂ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅସ୍ଥାୟୀ ନୁହେଁ, ହେରିଟେଜ କରିଡର ନକ୍ସା ଅନୁଯାୟୀ କାକୁଡ଼ିଖାଇଙ୍କ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ସ୍ଥାୟୀ ଶେଡ୍ ନିର୍ମାଣ କରାଯାଉ। ପ୍ରତିବର୍ଷ ଶେଡ୍ ଓ ବ୍ୟାରିକେଡ୍ ଖୋଲି ପୁଣି ନିର୍ମାଣ କରି ଅଯଥାରେ ଜନସାଧାରଣଙ୍କ ଲକ୍ଷ ଲକ୍ଷ ଟଙ୍କା ନଷ୍ଟ କରା ନ ଯାଉ ବୋଲି ସହରବାସୀ ମତ ରଖିଛନ୍ତି।
ସିଂହଦ୍ୱାର ନିକଟରେ ପୂର୍ବରୁ ଏକ ପୁରୁଣା ଶେଡ୍ ଓ ବ୍ୟାରିକେଡ୍ ଥିଲା। ଗତ ବର୍ଷ ଏହି ଶେଡ୍‌କୁ ଭଙ୍ଗାଯାଇ ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଆଗକୁ ନୂଆ ଶେଡ୍ ତିଆରି କରାଯାଇଥିଲା। ଏଥିରେ ବଡ଼ ବଡ଼ ଲୁହା ଆଙ୍ଗେଲ, ବିମ୍ ଆଦି ଲାଗିଛି। ସହଜରେ ଖୋଲିବା ପାଇଁ ନଟ୍ ବୋଲ୍‌ଟ ସିଷ୍ଟମ କରାଯାଇଛି। ତେବେ ଏହି ଅତ୍ୟାଧୁନିକ ଶେଡ୍‌କୁ ରଥଯାତ୍ରା ପୂର୍ବରୁ ଖୋଲି ଦିଆଯାଇଥିଲା। ବୁଧବାର ଲୁହାଫ୍ରେମ୍ ବସାଇବା ପାଇଁ ହୋଇଥିବା ଗାତ ଖୋଲାଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏମିତି ତିଆରି କରିବା ଖୋଲିବାରେ କାହିଁକି ଲକ୍ଷ ଲକ୍ଷ ଟଙ୍କା ନଷ୍ଟ କରାଯାଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

### ଇଂ. କୃଷ୍ଣଚନ୍ଦ୍ର ମହାପାତ୍ର ପାଇବେ ବିଶ୍ୱେଶ୍ୱରାୟା ସମ୍ମାନ

**କଟକ ଅଫିସ,୨।୯:** ରାଜ୍ୟ ବିଦ୍ୟୁତ୍ ବୋର୍ଡର ଅଧକ୍ଷ ଇଂ. କୃଷ୍ଣଚନ୍ଦ୍ର ମହାପାତ୍ର ଚଳିତବର୍ଷର ମର୍ଯ୍ୟାଦାଜନକ 'ବିଶ୍ୱେଶ୍ୱରାୟା ସମ୍ମାନ' ପାଇବେ। 'ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ' ପକ୍ଷରୁ ଆସନ୍ତା ୧୫ ତାରିଖରେ ତାଙ୍କୁ କଟକରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ ଓ ସମ୍ପାଦକ ଶିଶିର କୁମାର ସାହୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ଇଂ. ମହାପାତ୍ର ଜଣେ ଦକ୍ଷ ବିଦ୍ୟୁତ୍ ଇଞ୍ଜିନିୟର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେ ୧୯୩୦ ଜୁନ୍ ୨୧ ତାରିଖରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ୧୯୫୨ ମସିହାରେ ସେ ପିଲାନିସ୍ଥିତ ବିର୍ଲା ବୈଷୟିକ ପ୍ରତିଷ୍ଠାନରୁ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗରେ କାର୍ଯ୍ୟ କରି ମୁଖ୍ୟଯନ୍ତ୍ରୀ, ସବୋର୍ଚ୍ଚଯନ୍ତ୍ରୀ ଓ ବିଦ୍ୟୁତ୍ ବୋର୍ଡର ଅଧକ୍ଷ ପଦରେ ଅଧିଷ୍ଠିତ ହୋଇଥିଲେ।

# 'ଓଡ଼ିଶୀ ସଙ୍ଗୀତ' ପାଇଁ ବାଟ ଖୋଲିଲା

ଭୁବନେଶ୍ୱର,୨।୯(ବ୍ୟୁରୋ)



ଦୀର୍ଘଦିନ ଧରି ନିଜ ହକ୍ ପାଇପାରୁ ନ ଥିବା ଓଡ଼ିଶୀ ସଙ୍ଗୀତକୁ ମିଳିବ ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ଦେବାଲାଗି ନିଆଯିବ ତ୍ୱରିତ ପଦକ୍ଷେପ। ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କେନ୍ଦ୍ରକୁ ଅନୁରୋଧ ପ୍ରସ୍ତାବ ବୁଧବାର ରାଜ୍ୟ କ୍ୟାବିନେଟ୍‌ରେ ପାରିତ ହେବାପରେ ଏନେଇ ଆଶା ସଞ୍ଚାର ହୋଇଛି।

ଭାରତ ସରକାର ୧୯୬୪ରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟମାନ୍ୟତା ଦେଇଛନ୍ତି। ୨୦୧୪ରେ ଓଡ଼ିଆ ଭାଷାକୁ ୬ଷ୍ଠତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ହେଲେ ବ୍ରିଟିଶଶାସନ କାଳରେ ଅବହେଳା ଯୋଗୁ ଓଡ଼ିଶୀକୁ ଏପର୍ଯ୍ୟନ୍ତ ଏହାର ନ୍ୟାର୍ଯ୍ୟ ଅଧିକାର ମିଳିପାରିନାହିଁ। ଆବଶ୍ୟକ ଗବେଷଣା ହୋଇନାହିଁ କି ପୁନରୁଦ୍ଧାର ଓ ପ୍ରଚାର ପ୍ରସାର ଦିଗରେ ମଧ୍ୟ ସେପରି କୌଣସି ପଦକ୍ଷେପ ନିଆଯାଇନାହିଁ। ଦେଶର ପ୍ରମୁଖ ସଙ୍ଗୀତଗୁଡ଼ିକ ମଧ୍ୟରୁ ଓଡ଼ିଶୀ ସଙ୍ଗୀତ ଅନ୍ୟତମ ହୋଇଥିବାବେଳେ ସ୍ୱତନ୍ତ୍ର ରାଗ, ତାଳସାଙ୍ଗକୁ ଗାୟନ ଶୈଳୀ ଏହାକୁ ଅନ୍ୟ ସଙ୍ଗୀତଠାରୁ ଭିନ୍ନ କରିଥାଏ। ପାରମ୍ପରିକ ଓଡ଼ିଶୀ ସଙ୍ଗୀତର ଇତିହାସ ୨୫୦୦ବର୍ଷରୁ ମଧ୍ୟ ଅଧିକ। ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସମସ୍ତ ମାନଦଣ୍ଡକୁ ପୂରଣ କରୁଥିଲେ ବି ନିଜର ହକ୍ ପାଇପାରୁ ନ ଥିଲା। ତେବେ ଦୀର୍ଘବର୍ଷର ପ୍ରତୀକ୍ଷା ପରେ ଏବେ ଓଡ଼ିଶୀ ନୃତ୍ୟ ପରି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ କେନ୍ଦ୍ରର ଅନୁମୋଦନ ପାଇଁ କ୍ୟାବିନେଟ୍ ମୋହର ବାଜିଛି।

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ୨୦୧୪ରୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗତ ୬ବର୍ଷ ହେଲା ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରାଯାଇ ସଂସ୍କୃତି ମନ୍ତ୍ରଣାଳୟକୁ ପଠାଯାଉଥିଲା। ଏବେସୁଦ୍ଧା ୩ଟି ରିପୋର୍ଟ ପଠାଯାଇଥିଲେ ମଧ୍ୟ ମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ନିକଟରେ ୪ର୍ଥଥର ପାଇଁ ଆଉଏକ ରିପୋର୍ଟ ପଠାଯାଇଥିଲା। ତେବେ କ୍ୟାବିନେଟ୍ ଅନୁମୋଦନ ପରେ ଓଡ଼ିଶୀ ସଙ୍ଗୀତର ପୁରାତନ ଦସ୍ତାବିଜ୍ ସହ ଓଡିଶୀ ସଙ୍ଗୀତର କ୍ରମବିକାଶ, ଇତିହାସ ଓ ପରମ୍ପରା, ରାଗ, ରାଗିଣୀ, ଜାଗା ଆଖଡା ସଙ୍ଗୀତ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସଙ୍ଗୀତର କ୍ରମବିକାଶ, ଆନୁଷଙ୍ଗିକ କଳାରେ ଓଡ଼ିଶୀ ସଙ୍ଗୀତ, ଶ୍ରୀକ୍ଷେତ୍ର ସଙ୍ଗୀତ, ଓଡ଼ିଶୀ ସଙ୍ଗୀତରେ ତାଳବାଦ୍ୟର ବ୍ୟବହାର, ଗାୟନ ଶୈଳୀର ବୈଶିଷ୍ଟ୍ୟ ଆଦି ଉପରେ ଠିକ୍ ତଥ୍ୟ ଓ ଦସ୍ତାବିଜ୍ ଦାଖଲ କରାଯିବ ବୋଲି ବିଶେଷଜ୍ଞ ଏବଂ ସଙ୍ଗୀତକାର ମାନେ ଆଶାବ୍ୟକ୍ତ କରିଛନ୍ତି। ଏନେଇ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କହିଛନ୍ତି, କ୍ୟାବିନେଟ୍‌ରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ନେଇ ପ୍ରସ୍ତାବ ପାରିତ ହେବା ଆମ ପାଇଁ ଅତ୍ୟନ୍ତ ଖୁସିର ବିଷୟ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ। ମୁଁ ବ୍ୟକ୍ତିଗତ ଭାବେ ଦୀଘବର୍ଷ ଧରି ଏକ୍ଷେତ୍ରରେ କାମ କରୁଛି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ଐତିହ୍ୟ, ପରମ୍ପରାରେ ଓଡ଼ିଶୀ ସଙ୍ଗୀତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପଦକ୍ଷେପ ପରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଏବେ ସୁନିଶ୍ଚିତ ବୋଲି ସେ କହିଛନ୍ତି।



ବୁଧବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହି ଅବସରରେ ପୁରୀ ମାର୍କଣ୍ଡ ପୁଷ୍କରିଣୀରେ ପିଣ୍ଡଦାନ ଓ ତିଳତର୍ପଣ କରାଯାଉଛି।

## ଏସ୍‌ସିବିରେ କାର୍ଯ୍ୟକ୍ଷମ ହେବ ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ

କଟକ ଅଫିସ,୨।୯

ଏସ୍‌ସିବି ଆଇସୋଲେଶନ ୱାର୍ଡରେ ବର୍ତ୍ତମାନ କ୍ଷମତାଠାରୁ ଅଧିକ ସଂଖ୍ୟକ କରୋନା ଆକ୍ରାନ୍ତ ଓ ସନ୍ଦିଗ୍ଧଙ୍କ ଚିକିତ୍ସା କରାଯାଉଛି। ଏଥିଯୋଗୁ ରୋଗୀ ସେବା ପ୍ରଭାବିତ ହେବା ସହ ରୋଗୀ, ରୋଗୀ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟକର୍ମୀମାନେ ଏକ ପ୍ରକାର ମାନସିକ ଚାପ ମଧ୍ୟରେ ଗତି କରୁଛନ୍ତି । ତେଣୁ ସ୍ଥିତିରେ ସୁଦ୍ଧାର ଆଣିବା ପାଇଁ ଏସ୍‌ସିବି ମେଡିକାଲ କଲେଜର ଭାରପ୍ରାପ୍ତ ଅଧକ୍ଷ ଡା.ବିପିନ୍ ବିହାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ଜରୁରୀକାଳୀନ ବୈଠକ ଅଧକ୍ଷଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଅତିରିକ୍ତ ମେଡିକାଲ ଶିକ୍ଷା ଓ ତାଲିମର ନିର୍ଦ୍ଦେଶକ ଡା. ବି. କେ. ଦାସ କହିଥିଲେ, ଆସନ୍ତା ୭ ଦିନ ମଧ୍ୟରେ ଏସ୍‌ସିବିରେ ୨୫୦ ଶଯ୍ୟାବିଶିଷ୍ଟ କୋଭିଡ ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ଯୋଜନା ରହିଛି। ସେହିପରି ଅଧକ୍ଷ ପ୍ରଧାନ କହିଥିଲେ, କରୋନା ଯୋଗୁ ରାଜ୍ୟ ଏକ ପ୍ରକାର ସଂକଟ ସମୟ ଦେଇ ଗତି କରୁଛି । ତେଣୁ ଏଭଳି ସମୟରେ ଡାକ୍ତର ଓ ଡାକ୍ତରୀ ଛାତ୍ରମାନେ କାର୍ଯ୍ୟ ବନ୍ଦ କିମ୍ବା ଆନ୍ଦୋଳନ ନିଷ୍ପତ୍ତିରୁ ନିବୃତ୍ତ ରହିବାକୁ ସେ ନିବେଦନ କରିଥିଲେ। ସେହିପରି ଆଲୋଚନାର ସମସ୍ତ ବିଷୟକୁ ପ୍ରାଥମିକତା ଆଧାରରେ ବିଚାରକୁ ନିଆଯିବା ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପିଜି ଡାକ୍ତରୀ ଛାତ୍ର ସଂଘ ସଭାପତି ଡା. ଆଶିଷ ମିଶ୍ର ଯୋଗଦେଇ କର୍ତ୍ତବ୍ୟରତ ଡାକ୍ତରଙ୍କ ସୁରକ୍ଷା ଓ କୋଭିଡ ପ୍ରୋତ୍ସାହନ ପାଇଁ ଦାବି କରିଥିଲେ। ଏହା ବ୍ୟତିତ ପିଜି ପ୍ରଥମ ବର୍ଷର ଛାତ୍ରମାନଙ୍କୁ ପର୍ଯ୍ୟାୟକ୍ରମେ ଆଭ୍ୟନ୍ତରୀଣ ଅଞ୍ଚଳରୁ ଆଣି ଏସ୍‌ସିବିରେ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଡିଓଲୋଜି ବିଭାଗର ଏଚ୍‌ଓଡି ଡା. ଏସ୍. ଏନ୍. ରାଉତରାୟ ଆଇନଶୃଙ୍ଖଳା ନିମନ୍ତେ ଡିସିପି ଓ ମଙ୍ଗଳାବାଗ ଆଇଆଇସିଙ୍କ ସହ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ ।

# ଅବଧି ୧୦ ଦିନ ବୃଦ୍ଧି ପାଇଁ ୟୁଜିସିକୁ ଅନୁରୋଧ

ଭୁବନେଶ୍ୱର, ୨।୯(ବ୍ୟୁରୋ)

**ୟୁଜି, ପିଜି ଶେଷ ସେମିଷ୍ଟର ପରୀକ୍ଷା**

ୟୁଜି ଓ ପିଜି ଶେଷ ସେମିଷ୍ଟର ପରୀକ୍ଷା ସେପ୍ଟେମ୍ବର ୩୦ ସୁଦ୍ଧା ସାରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଧାର୍ଯ୍ୟ କରାଯାଇଛି। ହେଲେ ଏହାକୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ୟୁଜିସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଏହି ମର୍ମରେ ଏକ ଅନୁରୋଧପତ୍ର ୟୁଜିସି ସଚିବଙ୍କ ନିକଟକୁ ପଠାଇଛନ୍ତି। କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାର ଅନୁପାଳନ ଓ ସାମାଜିକ ଦୂରତ୍ୱ ବଜାୟ ରଖି ୟୁଜିସି ଦ୍ୱାରା ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ପରୀକ୍ଷା ଶେଷ କରିବା କଷ୍ଟକର ବୋଲି ଅଗଷ୍ଟ ୩୧ରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟ କୁଳପତି ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷମାନେ ମତ ଦେଇଥିଲେ। ପରୀକ୍ଷା ପରିଚାଳନା ପ୍ରସ୍ତୁତି ନିମନ୍ତେ ଅନ୍ତତଃ ୨୦ ଦିନ ଆବଶ୍ୟକ ହୋଇଥାଏ। ସେପ୍ଟେମ୍ବର ୩୦ ମଧ୍ୟରେ ସମସ୍ତ ପରୀକ୍ଷା ଶେଷ କରିବାକୁ ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା କରିବାକୁ ପଡ଼ିବ ଓ ଏଥିପାଇଁ ଛାତ୍ରୀଛାତ୍ରଙ୍କ ସମାଗମ ଅଧିକ ହେବ। କୋଭିଡ୍ ମାର୍ଗଦର୍ଶିକା ଅନୁପାଳନରେ ସମସ୍ୟା ଦେଖାଦେବ। ତେଣୁ ଅନ୍ତତଃ ପରୀକ୍ଷା ପାଇଁ ଧାର୍ଯ୍ୟ ସମୟସୀମାକୁ ୧୦ଦିନ ବୃଦ୍ଧି କରିବା ପାଇଁ ବୈଠକରେ କୁଳପତିମାନେ ଅନୁରୋଧ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥିତିର ସମୀକ୍ଷା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସମାଗମ ହ୍ରାସ କରାଯିବା ସହ ଯେପରି ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଠିକ୍ ଭାବରେ ସାନିଟାଇଜ କରିବା ନିମନ୍ତେ ଅନ୍ତତଃପକ୍ଷେ ଗୋଟିଏ ଦିନ ଲେଖାଏ ବ୍ୟବଧାନ ମିଳିପାରିବ, ସେଥିନିମନ୍ତେ ସମୟସୀମା ବୃଦ୍ଧିର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁସାରେ ୟୁଜି ଓ ପିଜି ଶେଷ ସେମିଷ୍ଟର ପରୀକ୍ଷା ସମୟସୀମା ବୃଦ୍ଧି ନିମନ୍ତେ ୟୁଜିସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଦୁର୍ଦ୍ଦାନ୍ତ ହାଡ଼ିଆଙ୍କୁ ହତ୍ୟା

**କଟକ ଅଫିସ୍, ୨।୯:** ପାର୍ବଣ ପୂର୍ବରୁ ଅଶାନ୍ତ ହୋଇଛି କଟକ ସହର। ବିଡ଼ାନାସୀ ଥାନା ଅଞ୍ଚଳରେ ବୁଧବାର ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ିଆ ଓରଫ ପ୍ରକାଶ ବେହେରାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାଛଡ଼ା ହାଡ଼ିଆଙ୍କ ଜଣେ ସହଯୋଗୀ ଗୁରୁତର ହୋଇ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି ।

ବିଡ଼ାନାସୀ ଥାନାଧିକାରୀ ଲକ୍ଷ୍ମୀନାରାୟଣ ତିୱାରୀଙ୍କ ସୂଚନା ମୁତାବକ, ରାତି ପ୍ରାୟ ୮ଟାରେ ହାଡ଼ିଆ ଓ ତାଙ୍କର ଜଣେ ସହଯୋଗୀ ସତୀଚଉରା ନିକଟସ୍ଥ ଉପସାର କଲେଜଗଡ଼ା ନିକଟରେ କୌଣସି କାର୍ଯ୍ୟରେ ଯାଉଥିଲେ। ବାଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ହାଡ଼ିଆ ଓ ତାଙ୍କ ସହଯୋଗୀଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବିଡ଼ାନାସୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଏସ୍‌ସିବି ମେଡ଼ିକାଲ ପଠାଇଥିଲା। ବାଟରେ ହାଡ଼ିଆଙ୍କ ମୃତ୍ୟୁ ଘଟିଥିବା ଥାନାଧିକାରୀ ତିୱାରୀ ସୂଚନା ଦେଇଛନ୍ତି।

## ଖୋଲିବ ରେଷ୍ଟୁରାଣ୍ଟ, ବାର୍

ଭୁବନେଶ୍ୱର(ବ୍ୟୁରୋ),୨।୯

ଦୀର୍ଘଦିନ ପରେ ପୁଣିଥରେ ରେଷ୍ଟୁରାଣ୍ଟରେ ବସି ଖାଇପାରିବେ ଲୋକେ। ଅନ୍‌ଲକ୍ ୪.୦ ଗାଇଲାଇନ୍ ଅନୁଯାୟୀ ରାଜ୍ୟରେ ରେଷ୍ଟୁରାଣ୍ଟ ଓ ବାର୍‌କୁ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଅନୁମତି ମିଳିବା ପରେ ବୁଧବାର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏନେଇ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ସମେତ ସମସ୍ତ ରେଷ୍ଟୁରାଣ୍ଟ ଆସୋସିଏଶନକୁ ଚିଠି ଲେଖିଛନ୍ତି। ଜୁନ୍ ୪ରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାରି କରିଥିବା କୋଭିଡ୍-୧୯ କଟକଣାକୁ ଅନୁକରଣ କରି ରେଷ୍ଟୁରାଣ୍ଟ ଓ ବାର୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇନ୍‌ହାଉସ୍ ଡାଇନିଂ ବ୍ୟବସ୍ଥା ଥିବା ସମସ୍ତ ରେଷ୍ଟୁରାଣ୍ଟ ଓ ବାର୍ କୋଭିଡ୍-୧୯ ଏସ୍‌ଓପି ମାନିବାକୁ ବାଧ୍ୟତାମୂଳକ କରାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟରେ ଥିବା ରେଷ୍ଟୁରାଣ୍ଟ ଓ ବାର୍‌ଗୁଡ଼ିକୁ ଖୋଲିବାକୁ ଅନୁମତି ଦିଆଯିବନାହିଁ। କଣ୍ଟେନ୍‌ମେଣ୍ଟ ଜୋନ୍ ଉଠିବା ପରେ ସ୍ଥାନୀୟ ପ୍ରଶାସନ ଏନେଇ ନିଷ୍ପତ୍ତି ନେବ। ଅନ୍ୟପକ୍ଷରେ ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, କୋମର୍‌ବିଡ୍ ରୋଗ ଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ ଘରେ ରହିବାକୁ କୁହାଯାଇଛି। ଗ୍ରାହକମାନେ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍ କରିବା ସହ ନିୟମ ପାଳନ କରିବେ। ସେହିଭଳି ରେଷ୍ଟୁରାଣ୍ଟଗୁଡ଼ିକ ଡାଇନ୍-ଇନ୍ ପରିବର୍ତ୍ତେ ଟେକ୍ ଆୱେକୁ ପ୍ରୋତ୍ସାହନ ଦେବାକୁ କୁହାଯାଇଛି।



# ମଦ ବିକ୍ରିକୁ ବିରୋଧ, ଯୁବକଙ୍କୁ ହତ୍ୟା

ଚୌଦ୍ୱାର,୨।୯(ଡି.ଏନ୍.ଏ.)

- କଟୁରି, କୁରାଢ଼ି ଜବତ: ୪ ଅଟକ
- ଥାନାରେ ଅଭିଯୋଗ କରିଆସୁଥିଲେ ସାହି ମହିଳା



ମୃତ ସରୋଜ ସାମଲ

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ ବାଣିପଦା ପଞ୍ଚାୟତର ହରିଜନ ସାହିରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଥାନାରେ ଅଭିଯୋଗ କରିବାରୁ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଏହି ସାହିର ସରୋଜ ସାମଲ (୩୨)। ଖବରପାଇ ବୁଧବାର ଚୌଦ୍ୱାର ପୋଲିସ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତ ନମୁନା ସହ ଏକ କଟୁରି ଓ କୁରାଢ଼ି ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ପୋଲିସ ନଂ. ୪୦୫/୨୦ରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ମୃତ ସରୋଜଙ୍କ ଭାଇ ସମେତ ୪ଜଣକୁ ଅଟକ ରଖି ପଚରାଉଚୁରା ଚାଲିଛି ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସାହିରେ କେତେଜଣ ଅସାଧୁ ବ୍ୟକ୍ତି ଦୀର୍ଘଦିନ ହେବ ବାହାରୁ ଚୋରା ମଦ ଆଣି ଘରେ ରଖି ବିକ୍ରି କରୁଛନ୍ତି। ଏଥିରେ ମୃତ ସରୋଜଙ୍କ ଭାଇ ମଧ୍ୟ ସାମିଲ ଥିଲେ। ମଦ୍ୟପମାନେ ସେମାନଙ୍କଠାରୁ ମଦ ପିଇ ସାହିରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସାମାଜିକ ଲୋକଙ୍କ ଭିଡ ଜମୁଛି। ଏ ନେଇ ସାହିର କେତେଜଣ ମହିଳା ପୂର୍ବରୁ ପୋଲିସକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅପରପକ୍ଷେ ମହିଳାମାନେ ମଦ ବିକ୍ରେତାଙ୍କ ରୋଶର ଶିକାର ହୋଇଆସୁଥିଲେ। ମଙ୍ଗଳବାର ପୁଣି ସାହି ମହିଳାମାନେ ମଦ ବିକ୍ରେତାଙ୍କ ନାମରେ ଅଭିଯୋଗ କରିବାକୁ ଯାଇଥିଲେ। ଯେଉଁଥିରେ ସରୋଜଙ୍କ ପରିବାର ମଧ୍ୟ ସାମିଲ ଥିଲେ। ଥାନାରୁ ମହିଳାମାନେ ଫେରୁଥିବାବେଳେ ମଦ ବିକ୍ରେତାଙ୍କ ମଧ୍ୟରେ ବଚସା ହେବାରୁ ସରୋଜ ଆସି ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ରାଗ ରଖି ମଧ୍ୟ ରାତିରେ ମଦ ବିକ୍ରି କରୁଥିବା ଗୋଷ୍ଠୀର କେତେଜଣ ବ୍ୟକ୍ତି ସରୋଜଙ୍କୁ ଘରୁ ଡାକି କୁରାଢ଼ିରେ ଆକ୍ରମଣ କରିବା ସହ କଟୁରିରେ ମୁଣ୍ଡକୁ ହାଣିଦେଇଥିଲେ। ଘଟଣାସ୍ଥଳରେ ସରୋଜ ଅଚେତ ହୋଇ ପଡ଼ିଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ସରୋଜଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସରୋଜଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ସାହିରେ ଗଣ୍ଡଗୋଳ ଆଶଙ୍କା କରି ଥାନା ପକ୍ଷରୁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୧,୧୨ ଓ ୨୬ତାରିଖରେ ସାହିର ମହିଳାମାନଙ୍କ ଦ୍ୱାରା ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ କରାଯାଇଛି। ହେଲେ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ହେତୁ ଏଭଳି ଘଟଣା ଘଟିଥିବା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

## ଆଇଓସିଏଲ୍ ବସାଇବ ଗ୍ରାସ୍‌ରୁଟ ନିଡେଲ କୋକର ୟୁନିଟ୍

**ଭୁବନେଶ୍ୱର,୨।୯:** ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) ପକ୍ଷରୁ ଏହାର ପାରାଦୀପ ରିଫାଇନେରିଠାରେ ଗ୍ରାସ୍‌ରୁଟ୍ ନିଡେଲ କୋକର ୟୁନିଟ୍ ସ୍ଥାପନ କରାଯିବ। କମ୍ପାନୀ ବୋର୍ଡ ଏ ନେଇ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟଧାରାକୁ ନିକଟରେ ମଞ୍ଜୁରୀ ପ୍ରଦାନ କରିଛି। ନିଜସ୍ୱ ଗବେଷଣା ଏବଂ ବିକାଶ ବିଭାଗର ଜ୍ଞାନକୌଶଳକୁ ଉପଯୋଗ କରି କମ୍ପାନୀ ଏହି ୟୁନିଟ ସ୍ଥାପନ କରିବ ବୋଲି ଜଣାପଡିଛି। ଉକ୍ତ ଯୋଜନାରେ ପ୍ରାୟ ୧୨୬୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ପ୍ରଧାନମନ୍ତ୍ରୀଙ୍କ ପୂର୍ବଭାରତ ବିକାଶ ଯୋଜନାରେ ଏଭଳି କାର୍ଯ୍ୟପନ୍ଥା ହାତକୁ ନିଆଯାଇଥିବା ଆଇଓସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରସ୍ତାବିତ ୟୁନିଟ୍‌ର କାଲ୍‌ସାଇନଡ୍ ନିଡେଲ କୋକ୍ (ସିଏନ୍‌ସି)ର ବାର୍ଷିକ ଉତ୍ପାଦନ କ୍ଷମତା ୫୬ କିଲୋଟନ୍ ରହିବ। ସିଏନ୍‌ସି ଉତ୍ପାଦନ ସହ ଏହି ବର୍ଗରେ କମ୍ପାନୀ ପ୍ରଥମ ଥର ଲାଗି ପ୍ରବେଶ କରିବ। ପ୍ରସ୍ତାବିତ ୟୁନିଟ୍ ଯୋଗୁ ପାରାଦୀପ ତୈଳ ବିଶୋଧନାଗାରର ଲାଭ ବୃଦ୍ଧି ପାଇବ ବୋଲି କମ୍ପାନୀର ଅଧକ୍ଷ ଏମ୍.ଏସ୍.ବୈଦ୍ୟ ସୂଚନା ଦେଇଛନ୍ତି। ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ଉତ୍ପାଦନ ନିର୍ଭରତା କମିବା ସହ କମ୍ପାନୀ ଆତ୍ମନିର୍ଭର ହୋଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ୫୦ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ଅଭିଯୋଗ

ଭୁବନେଶ୍ୱର,୨।୯(ବ୍ୟୁରୋ)

- ନିରାଶ କଲା କମିଶନରେଟ ପୋଲିସ
- ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ମା'

ଜନ୍ମପୂର୍ବରୁ ମା'ର ଗର୍ଭ ନଷ୍ଟ କରିବାକୁ ଚାହୁଁଥିଲେ ବାପା। ହେଲେ ଜନ୍ମ ପରେ ଶିଶୁପୁତ୍ରଙ୍କୁ ଅନ୍ୟଜଣଙ୍କୁ ୫୦ହଜାର ଟଙ୍କାରେ ବିକ୍ରି କରିଦେଲେ। ଗତ କିଛିମାସ ତଳେ ରାଜଧାନୀରେ ଏହି ସ୍ପର୍ଶକାତର ଘଟଣା ଘଟିଥିଲା। ପୋଲିସଠାରୁ ନ୍ୟାୟ ନ ପାଇ ଶିଶୁପୁତ୍ରର ମା' ଏବେ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଛି। ଅଭିଯୋଗ ମୁତାବକ, ନୟାଗଡ଼ ଜିଲା ରଣପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ନୟାଗଡ଼ର ତପନ ପଲାଇଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୮ରେ ଉଭୟ ବାଙ୍ଗାଲୋରରେ ଏକାଠି ରହିବା ସହ ସେଠାକାର ଏକ ସାଇ ମନ୍ଦିରରେ ବିବାହ କରି ସ୍ୱାମୀସ୍ତ୍ରୀ ହୋଇ ଚଳୁଥିଲେ। ଗତବର୍ଷ ସେମାନେ ବାଙ୍ଗାଲୋରରୁ ଓଡ଼ିଶା ଚାଲି ଆସିଥିଲେ। ମହିଳାଜଣଙ୍କୁ ଖଣ୍ଡଗିରିରେ ରହୁଥିବା ବାପାଙ୍କ ପାଖରେ ଛାଡ଼ି ତପନ ଗାଁକୁ ପଳାଇଥିଲେ। ମଝିରେ ମଝିରେ ଖଣ୍ଡଗିରିସ୍ଥିତ ଶ୍ୱଶୁର ଘରକୁ ଆସି ରହୁଥିଲେ। ଏହା ଭିତରେ ମହିଳା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ତପନ ଗର୍ଭନଷ୍ଟ କରିବା ପାଇଁ ସ୍ତ୍ରୀଙ୍କୁ ଔଷଧ ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଇତିମଧ୍ୟରେ ସେମାନେ ସାଲିଆସାହିରେ ଘରଭଡ଼ା ନେଇ ରହିଥିଲେ। ଗତ ମାର୍ଚ୍ଚ ୨୬ରେ ଜୟଦେବ ବିହାରସ୍ଥିତ ଏକ ନର୍ସିଂହୋମ୍‌ରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାର କିଛିଦିନ ପରେ ଦିନେ ହଠାତ୍ ପୁଅକୁ ନ ପାଇ ମା' ବ୍ୟତିବ୍ୟସ୍ତ ହୋଇପଡିଥିଲେ। ତପନଙ୍କୁ ପଚାରିବାରୁ ଡେଲିଭରି ସମୟରେ ବାକିଥିବା ହସ୍ପିଟାଲ ଖର୍ଚ୍ଚ ଦେବାକୁ ପୁଅକୁ ୫୦ହଜାର ଟଙ୍କାରେ ବିକ୍ରି କରିଦେଇଥିବା ତପନ ଜଣାଇଥିଲେ। ଏପିରି କି କାହାକୁ କହିଲେ ତାଙ୍କୁ ମଧ୍ୟ ଜୀବନରେ ମାରିଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ଏହାପରେ ମହିଳା ଜଣକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରି ନିରାଶ ହେବାରୁ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ କୌଣସି ସୁଫଳ ନ ମିଳିବାରୁ ଏନ୍‌ଏଚ୍‌ଆର୍‌ସିଙ୍କୁ ନ୍ୟାୟ ନିବେଦନ କରିଛନ୍ତି। ପୁଅକୁ ଉଦ୍ଧାର କରିବା ସହ ମାମଲା ରୁଜୁ କରି ନ ଥିବା ଥାନା ଅଧିକାରୀ ଓ ଅଭିଯୁକ୍ତ ତପନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି।

## ବିସ୍ଥାପିତଙ୍କ ଥଇଥାନ ଦାବି

ପୁରୀ ଅଫିସ,୨।୯: ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଜମି ଦେଇଥିବା ବିସ୍ଥାପିତ ଥଇଥାନ ଦାବି କରିଛନ୍ତି। ମଣିକର୍ଣ୍ଣିକା ସାହିର ସୂର୍ଯ୍ୟନାରାୟଣ ସିଂହାରୀ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି ଯେ, ତାଙ୍କ ପିତାଙ୍କ ନାମରେ କିଛି ଜାଗା ଓ ଦୋକାନ ଘର ଗାଣ୍ଟୁଆ ଚଉରା ଛକରେ ଥିଲା, ଯାହାକୁ ପ୍ରଶାସନ କିଣି ନେଇଛି। ସେମାନଙ୍କ ଲାଗି ଉପଯୁକ୍ତ କ୍ଷତିପୂରଣ ଓ ସରକାର ପ୍ରଦାନ କରିଥିବା ଥଇଥାନ ବନ୍ଦୋବସ୍ତ ଏହି ଦୁଇଟି ପ୍ରଯୁଜ୍ୟ ଥିଲା। ସମସ୍ତ ଅଂଶୀଦାରଙ୍କୁ କ୍ଷତିପୂରଣ ବାବଦ ଟଙ୍କା ପ୍ରଶାସନ ଦେଇସାରିଛି।ମାତ୍ର ସେମାନଙ୍କର ଥଇଥାନ ସୁବିଧା ଏ ପର୍ଯ୍ୟନ୍ତ କରାଯାଇ ନାହିଁ। ଇତିମଧ୍ୟରେ ୮ ମାସ ବିତିଗଲାଣି। ତେଣୁ ତୁରନ୍ତ ଥଇଥାନ ବ୍ୟବସ୍ଥା କରିବା ଲାଗି ସିଂହାରୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ଏସ୍‌ସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

**କଟକ ଅଫିସ,୨।୯:** ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା। ଏଠାରେ ଆଣ୍ଟିଜେନ ଟେଷ୍ଟ ନ ହୋଇ ପାରିବାରୁ ଦୈନିକ ଅପରେଶନ ଓ ପ୍ରସବ ପରେ ଆର୍‌ଟିପିସିଆର୍ ଟେଷ୍ଟରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ୩ ଦିନରେ ପ୍ରାୟ ୧୦ ପ୍ରସୂତୀଙ୍କ ରିପୋର୍ଟ ପଜିଟିଭ ବାହାରିଛି। ସେହିପରି ମଙ୍ଗଳବାର ନେଫ୍ରୋଲୋଜି ବିଭାଗ ଆଉଟଡୋର୍‌ରେ ୭୩ ଜଣଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା। ବୁଧବାର ସକାଳେ ମିଳିଥିବା ରିପୋର୍ଟରୁ ୧୫ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି। ଆଇସୋଲେଶନ ୱାର୍ଡରୁ ୨୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୬ଜଣ ସନ୍ଦିଗ୍ଧଙ୍କ ମୃତ୍ୟୁ ଘଟିଥିବା ମେଡିକାଲ ସୂତ୍ରରୁ ଜଣାପଡିଛି। ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରୁ ୩ ଜଣ ରୋଗୀଙ୍କ ନମୁନା ଯାଞ୍ଚ ପରେ ରିପୋର୍ଟ ପଜିଟିଭ ବାହାରିଛି। ସେହିପରି ଶିଶୁ ଭବନରୁ ଜଣେ ରୋଗୀ ସମ୍ପର୍କୀୟ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

### ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୨।୯:** ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ହାଇକୋର୍ଟ ବାର କନ୍‌ଭେନ୍‌ସନ ହଲରେ ବୁଧବାର ପାଳିତ ହୋଇଯାଇଛି। ହାଇକୋର୍ଟ ବାର ପରିସରରେ ଥିବା ରଣଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଭର୍ଚୁଆଲ୍ ପ୍ଲାଟଫର୍ମରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିଷ୍ଟର ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମୃତି କମିଟିର ଆବାହକ ସଞ୍ଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅନିରୁଦ୍ଧ ବୋଷ, ଜଷ୍ଟିସ ବି.ଆର.ଷଡଙ୍ଗୀ , ଜଷ୍ଟିସ ବିଶ୍ୱଜିତ ମହାନ୍ତି ଓ ଜଷ୍ଟିସ୍ ବିଶ୍ୱନାଥ ରଥ ପ୍ରମୁଖ ଯୋଗ ଦେଇଥିଲେ।

### ୫ ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୯ (ବ୍ୟୁରୋ): ନୟାପଲ୍ଲୀ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ ଚୋରି ଗ୍ୟାଙ୍ଗରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୫ଟି ବାଇକ ଜବତ କରିଛି। ସେମାନେ ହେଲେ ସାଲିଆ ସାହି ଲକ୍ଷ୍ମୀନଗର ଅଞ୍ଚଳର ପ୍ରଶାନ୍ତ ପରିଡା ନଖିଆ ଓରଫ ଓ ସାଲିଆ ସାହି ନିଳଚକ୍ର ନଗରର ସପନା ସାହୁ। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ପ୍ରାୟ ୧ଟାରେ ନୟାପଲ୍ଲୀ ଅଞ୍ଚଳରେ ପୋଲିସର ଚେକିଂ ଚାଲିଥିଲା। ୩ ଜଣ ଯୁବକ ଏକ ବାଇକରେ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଗାଡିର କାଗଜପତ୍ର ମାଗିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ହଠାତ ପୋଲିସକୁ ଚକମା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯିବାରୁ ପୋଲିସର ସନ୍ଦେହ ବଢ଼ିଥିଲା। ପୋଲିସ ଅନ୍ୟ ୨ ଜଣ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା। ସେମାନଙ୍କୁ ପଚରାଉଚରା କରିବା ପରେ ଯୁବକଦ୍ୱୟ ଗାଡି ଚୋରି ରାକେଟରେ ସଂପୃକ୍ତ ଥିବା ଜଣାପଡିଥିଲା। ଅଭିଯୁକ୍ତ ଦ୍ୱୟ ନୂଆପଲ୍ଲୀ ଓ ଚନ୍ଦ୍ରଶେଖରପୁରର ବିଭିନ୍ନ ଅଞ୍ଚଳରୁ ଗାଡି ଚୋରି କରି ସେଗୁଡିକର ରେଜିଷ୍ଟ୍ରେଶନ ନମ୍ବର ବଦଳାଇ ବିକ୍ରି କରୁଥିବା ପୋଲିସକୁ କହିଥିଲେ। ପୋଲିସ ଉଭୟଙ୍କର ସୂଚନାକୁ ଆଧାର କରି ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଟି ବାଇକ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଥିଲା।

# ଏକାମ୍ର ହାଟରେ ଶିଳ୍ପୀଙ୍କୁ ଷ୍ଟଲ ହଟାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୯(ବ୍ୟୁରୋ)

ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆ ନିକଟ ଏକାମ୍ର ହାଟରେ ଦୀର୍ଘ ୧୮ ବର୍ଷ ଧରି ଅନେକ ଶିଳ୍ପୀମାନେ ହସ୍ତକଳା ସାମଗ୍ରୀ ପ୍ରଦର୍ଶନୀ ତଥା ବିକ୍ରୟ କରିଥାନ୍ତି। ଏଠାରେ ମୋଟ ୬୨ଟି ଷ୍ଟଲ ଥିବାବେଳେ ୫୨ଟି ହସ୍ତକଳା ଷ୍ଟଲ ଓ ୧୦ଟି ଓଡ଼ିଆ ପାରମ୍ପରିକ ଖାଦ୍ୟର ଷ୍ଟଲ ରହିଛି। ହେଲେ ଆଗକୁ ଏକାମ୍ର ହାଟର ନବୀକରଣ ହେବାକୁ ଥିବାରୁ ଶିଳ୍ପୀମାନଙ୍କୁ ସେଠାରୁ ଷ୍ଟଲ ହଟାଇବା ପାଇଁ ପରିଚାଳନା କର୍ତ୍ତୃପକ୍ଷ ନୋଟିସ କରିଛନ୍ତି। ଫଳରେ ଷ୍ଟଲ ପକାଇଥିବା ଶିଳ୍ପୀ କାରିଗର, ବୁଣାକାର ଓ ଭୋଜନାଳୟ କର୍ମକର୍ତ୍ତାମାନେ ଦୁଃଖଦ ପରିସ୍ଥିତରେ ଗତି କରୁଛନ୍ତି। କରୋନା ଭଳି ସମୟରେ ସେମାନେ କେଉଁଠିକୁ ଯିବେ ସେନେଇ ଚିନ୍ତିତ ଥିବାବେଳେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଏକାମ୍ର ହାଟ ଶିଳ୍ପୀ ସଂଘ। ଏଥି ସହିତ ସଂଘ ପକ୍ଷରୁ ଉପଦେଷ୍ଟା ସୁବାଷ ସିଂ ଓ ସଭାପତି ଦିଲୀପ ହାଲି ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହିତ ଆଲୋଚନା କରିଛନ୍ତି। ଶିଳ୍ପୀଙ୍କୁ ବିସ୍ଥାପନ କରାଯିବ ନାହିଁ ଓ ଏ ନେଇ ବିଭାଗର ସଚିବଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଫନୀ ବାତ୍ୟାରେ ଏକାମ୍ର ହାଟର ଅପୂରଣୀୟ କ୍ଷତି ହୋଇଥିଲା। ଶିଳ୍ପୀ ସଂଘ ସରକାରଙ୍କୁ ଜଣାଇବାରୁ କିଛି ମରାମତି କରିଥିଲେ। ଶିଳ୍ପୀମାନେ ବହୁକଷ୍ଟ ସଳଖିଥିବାବେଳେ ଏବେ ମହାମାରୀ କରୋନା ଦାଉ ସାଧିଲା। କରୋନା ପାଇଁ ଭଡ଼ା ଛାଡ଼ କରିବା ପାଇଁ ସଂଘ ନିବେଦନ କରିଥିବାରୁ କର୍ତ୍ତୃପକ୍ଷ ମୌଖିକ ଭାବେ ଛାଡ଼ କରାଯିବ ବୋଲି ସାନ୍ତ୍ୱନା ଦେଇଥିଲେ। ମାତ୍ର ଗତ ୩୧ରେ ବିନା ସୂଚନାରେ ପରିଚାଳନା କର୍ତ୍ତୃପକ୍ଷ ପାନୀୟଜଳ ଯୋଗାଣ ଓ ବିଦ୍ୟୁତ୍ ସେବା କାଟିଦେଲେ। ବିଭିନ୍ନ ରାଜ୍ୟରୁ ଆସି ଶିଳ୍ପୀମାନେ ଏଠାରେ ରହୁଥିବାରୁ ଏବେ ଦୁଃଖ ଦୁର୍ଦ୍ଦଶା ବଢ଼ିଯାଇଛି। ହସ୍ତଶିଳ୍ପ ବିଭାଗକୁ ସ୍ଥାନାନ୍ତର କରିବା ସହ ଏକାମ୍ର ହାଟର ନବୀକରଣ କରାଯାଇ ଶିଳ୍ପୀ, କାରିଗର, ବୁଣାକାର ତଥା ହାଟର ଓଡ଼ିଆ ପାରମ୍ପରିକ ଭୋଜନାଳୟ ଅନ୍ତର୍ଜାତୀୟ ସ୍ତର କରାଯିବ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଆମକୁ ଥଇଥାନ କରି ବିସ୍ଥାପିତ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଶେଷ ଦିନ ଥିବାବେଳେ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି କୌଣସି ପଦକ୍ଷେପ ନିଆ ନଯାଏ, ତେବେ ଆଗକୁ ଆମେ ପ୍ରତିବାଦ କରିବୁ ବୋଲି ସଂଘ ସମ୍ପାଦକ ଚିନ୍ତାମଣୀ ବିଶ୍ୱାଳ କହିଛନ୍ତି।



ଏକାମ୍ର ହାଟରେ ଶିଳ୍ପୀ ସଂଘ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ ସଦସ୍ୟମାନେ।

## ଅନୈତିକ କାମ ପାଇଁ ଡାକି ଯୁବକ ଗିରଫ

ପୁରୀ ଅଫିସ,୨।୯

ଜଣେ ମହିଳାଙ୍କୁ ଅନୈତିକ କାମ ପାଇଁ ଡାକିବା ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ବୁଧବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଛଇତନାର ବିଚିତ୍ର ବେହେରା। ଅଭିଯୋଗ ଅନୁଯାୟୀ, ବଳିଆପଣ୍ଡାର ଜଣେ ମହିଳା ମଙ୍ଗଳବାର ସନ୍ଧ୍ୟାରେ ବଡ଼ଶଙ୍ଖ ପଟୁ ଶ୍ରୀମନ୍ଦିର ଅଭିମୁଖେ ଯାଉଥିଲେ। ମେଡିକାଲ ଛକ ନିକଟରେ ଅଭିଯୁକ୍ତ ବିଚିତ୍ର ଏକ ବାଇକ୍ (ନଂ.ଓଆର ୧୩ବି୦୫୪୯୬)ରେ ପହଞ୍ଚି ତାଙ୍କୁ ଅନୈତିକ କାମ ପାଇଁ ଡାକିଥିଲେ। କିନ୍ତୁ ତାଙ୍କ ପ୍ରସ୍ତାବରେ ମହିଳା ରାଜି ହୋଇ ନ ଥିଲେ। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ମହିଳା ଜଣଙ୍କୁ ସର୍ବସାଧାରଣରେ ଟଣାଘୋଷରା କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୪୨/୨୦) ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଆଇଆଇସି କୁଳମଣି ସେଠୀ କହିଛନ୍ତି।

## ୪ଦିନ ହେଲା ଜଳବନ୍ଦୀରେ ୨୫ହଜାର ଲୋକ

ନିମାପଡ଼ା,୨।୯(ଡି.ଏନ୍.ଏ.)

ଧନୁଆଁ ନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ନିମାପଡ଼ା ବ୍ଲକର ଅଲଣ୍ଡା, ଶଗଡ଼ା, ବଡ଼ଶିରବଳା, ଅନ୍ତୁଆର, ଧନେଶ୍ୱର, ଅରିଷଣ୍ଡ ଆଦି ୧୫ ପଞ୍ଚାୟତର ୯୦ ଗ୍ରାମ ଜଳବନ୍ଦୀରେ ଥିବାବେଳେ ୨୫ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତି। ଗାଁ ଦାଣ୍ଡରେ ଓ ମୁଖ୍ୟ ସଡ଼କଗୁଡ଼ିକରେ ଅଣ୍ଟାଏ ପାଣି ସୁଅ ଛୁଟୁଥିବାରୁ ବିପନ୍ନଲୋକେ ଘର ବାହାରକୁ ବାହାରିପାରୁ ନାହାନ୍ତି। ଅଧିକାଂଶ ଗ୍ରାମ ବନ୍ୟାଜଳ ଯୋଗୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ହଜାର ହଜାର ହେକ୍ଟର ଚାଷଜମି ବନ୍ୟାପାଣିରେ ବୁଡ଼ି ରହିଛି। ୪ଦିନ ହେବ ବନ୍ୟାଜଳରେ ଫସି ରହିଥିବା ୨୫ହଜାର ବିପନ୍ନଙ୍କ ପାଖରେ ସରକାରୀ ରିଲିଫ ପହଞ୍ଚି ପାରି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ବନ୍ୟାଜଳରେ ୧୨ ପଞ୍ଚାୟତର ୩୯ ଗ୍ରାମ ପାଣିଘେରରେ ରହିଥିବା ଓ ପ୍ରାୟ ୧୯ହଜାର ଲୋକ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପଟେ ଲୋକଙ୍କ ପାଇଁ ୧୩୦କୁଇଣ୍ଟାଲ ଚୁଡ଼ା, ୧୫ କୁଇଣ୍ଟାଲ ଗୁଡ଼, ୨୫ପେଟି ବିସ୍କୁଟ ଆଦି ରିଲିଫ ଏବଂ ବନ୍ୟାକ୍ଲିଷ୍ଟ ପଞ୍ଚାୟତକୁ ୧୯ଡଙ୍ଗା ଓ ବୋଟ ଦିଆଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ଅଧିକ ପରିମାଣର ରିଲିଫ ଯୋଗାଣ ପାଇଁ ଆକଳନ ଓ ବ୍ୟବସ୍ଥା ଚାଲିଥିବା ବିଡିଓ କହିଛନ୍ତି। ବନ୍ୟା ବିପନ୍ନଙ୍କୁ ୧୫ଦିନ ଲାଗି ରିଲିଫ, ଗୋରୁଙ୍କ ପାଇଁ ଗୋଖାଦ୍ୟ ପ୍ରଦାନ ଓ ଅଧିକ ଡଙ୍ଗା ଦେବା ପାଇଁ ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ବାଇଧର ମଲ୍ଲିକ, ଭାଜପା ନେତା ଦିଲୀପ ପାତ୍ର ପ୍ରମୁଖ ସ୍ୱତନ୍ତ୍ର ରିଲିଫ କମିଶନ, ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଏଲଆଇସିରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ

କଟକ ଅଫିସ, ୨।୯

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ କରି କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସାଧାରଣ ସମ୍ପାଦକ ଅଭୟ କୁମାର ଦାସଙ୍କ କହିବା ଅନୁଯାୟୀ, ଏଲ୍‌ଆଇସି ୭୦%ରୁ ଅଧିକ ବଜାର ଅଂଶଧନ ଦାଖଲ କରିଆସୁଛି। ଘରୋଇ କମ୍ପାନୀ ଚାପରେ ସରକାର ଏଲଆଇସିର ଅଂଶଧନ ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ଅଂଶଧନ ବିକ୍ରି କରାଯାଏ ତେବେ ଦେଶର ଅର୍ଥନିତୀ ବ୍ୟାପକ କ୍ଷତିଗ୍ରସ୍ତ ହେବ। ସରକାର ଅଂଶଧନ ବିକ୍ରିରୁ ନିବୃତ୍ତ ରହିବାକୁ ଏମ୍‌ପିଙ୍କୁ ଦାବିପତ୍ର ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମାନଗୋବିନ୍ଦ ବାରିକ, ରବିନାରାୟଣ ମଲ୍ଲିକ, ପ୍ରଦୀପ କୁମାର ବେହୁରା ଏମ୍‌ପିଙ୍କୁ ଭେଟି ଆଲୋଚନା କରିଥିଲେ।

## ଚୋରି ଗ୍ୟାଙ୍ଗ ଠାବ: ୩ ଗିରଫ, ଟ୍ରାକ୍ଟର ଜବତ

**କଟକ ଅଫିସ,୨।୯:** ମଧୁପାଟଣା ଥାନା ପୋଲିସ ଏକ ଚୋରି ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ମୁଖ୍ୟ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ପିଠାଖିଆ ଗ୍ରାମର ବାବୁଲି ଓରଫ ଅଶୋକ କୁମାର ଦାସ(୬୪), ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର କାଶିଆ ଓରଫ ପରେଶ ମିଶ୍ର ଓ ଆକାଶ ଓରଫ ନୀଳକଣ୍ଠ ନାୟକଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୧/୨୦) ରୁଜୁ ହୋଇଛି। ରାଜ୍ୟର ବିଭିନ୍ନ ଥାନାରେ ବାବୁଲିଙ୍କ ନାମରେ ୫୦ରୁ ଅଧିକ ମାମଲା ରହିଛି ବୋଲି ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅଧୀନ ଛେନାଖିଆ ଗ୍ରାମର ମନୋରଞ୍ଜନ ବେହେରାଙ୍କ ଟ୍ରାକ୍ଟର (ଓଡ଼ି୦୫ଏସି-୪୬୯୮) କଟକ ତିନିଘରିଆ ଅଞ୍ଚଳରେ ଏକ କାର୍ଯ୍ୟରେ ଲାଗିଥିଲା। ଗତ ୧୮ ତାରିଖରେ ଉକ୍ତ ଟ୍ରାକ୍ଟର ଚୋରି ହୋଇଥିବା ନେଇ ମନୋରଞ୍ଜନ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ କରିବା ପରେ ବାବୁଲି ଗ୍ୟାଙ୍ଗ ଗାଡ଼ିଟିକୁ ଚୋରି କରିଥିବା ଜଣାପଡିଥିଲା। ପରେ ଉକ୍ତ ଟ୍ରାକ୍ଟରକୁ ଜବତ କରାଯିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ବାବୁଲି ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଘରଭଡ଼ା ନେଇ ରୁହନ୍ତି। ବୟସ ଅଧିକ ହୋଇଥିବାରୁ ତାଙ୍କୁ ସହଜରେ ଘର ଭଡ଼ା ମିଳିଯାଏ ଓ ତାଙ୍କ ଅପରାଧିକ କାର୍ଯ୍ୟକଳାପକୁ କେହି ସନ୍ଦେହ କରନ୍ତି ନାହିଁ। ଯାହାର ଫାଇଦା ଉଠାଇ ନିଜ ଗ୍ୟାଙ୍ଗ ସହାୟତାରେ ସେ ଚୋରି ଓ ଲୁଟ୍ କରନ୍ତି। ଟ୍ରାକ୍ଟରଟିକୁ ଚୋରି କରିବାରେ ବାବୁଲିଙ୍କୁ ଗ୍ୟାଙ୍ଗର ସଦସ୍ୟ କାଶିଆ ଓ ଆକାଶ ସହାୟତା କରିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା।



ଇନ୍ଦ୍ର ବନ୍ଦାପନା ନୀତି ସମ୍ପନ୍ନ କରାଯାଉଛି।

## ଶ୍ରୀମନ୍ଦିରରେ ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତି

ପୁରୀ ଅଫିସ,୨।୯

ଶ୍ରୀମନ୍ଦିରରେ ବୁଧବାର ଭାଦ୍ରବ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ବନ୍ଦାପନା ପରେ ଠାକୁର ବଡଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତୀ ହସ୍ତୀ ଉପରେ ଇନ୍ଦ୍ର ବେଶରେ ଜୟ ଜୟ ପାଟଯୋଶୀ ମହାପାତ୍ର ଏବଂ ମାହୁନ୍ତ ବେଶରେ ସୂର୍ଯ୍ୟନାରାୟଣ ତ୍ରିପାଠୀ ସିଂହଦ୍ୱାର ନିକଟକୁ ଆସି ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦ ବନ୍ଦାପନା ନୀତିରେ ସାମିଲ ହୋଇଥିଲେ।

## ପୁରୀ, ଖୋର୍ଦ୍ଧାର କରୋନା ଗ୍ରାଫ୍ ଉପରମୁହାଁ

ପୁରୀ ଅଫିସ/ଖୋର୍ଦ୍ଧା ଅଫିସ,୨।୯

ପୁରୀ ଜିଲାର କରୋନା ଗ୍ରାଫ୍ ଏବେ ଉପରମୁହାଁ ରହିଛି। ଅର୍ଥାତ୍ ଜିଲାରେ ଗତ କିଛିଦିନ ହେବ ପଜିଟିଭଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ମଙ୍ଗଳବାର ୧୩୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବୁଧବାର ଦ୍ୱିଶତକ ପାର କରିଛି ଆକ୍ରାନ୍ତଙ୍କ ସଂଖ୍ୟା। ଜିଲାରୁ ୨୧୭ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩,୮୫୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୮୮୨ ଜଣ ସୁସ୍ଥ ହୋଇଥିବା ବେଳେ ୯୫୫ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଏହି ମହାମାରୀରେ ଜିଲାର ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ବୁଧବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ସହରାଞ୍ଚଳରୁ ୬୦ ଏବଂ ଗ୍ରାମାଞ୍ଚଳରୁ ୧୫୭ ଜଣ ରହିଛନ୍ତି। ସେହିପରି ଏ ପର୍ଯ୍ୟନ୍ତ ଜିଲାରୁ ମୋଟ ୬୦, ୭୬୬ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୩,୮୫୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବୁଧବାର ନୂଆ ସଂକ୍ରମିତ ଚିହ୍ନଟ ପରେ ମ୍ୟୁନିସିପାଲିଟିରୁ ମୋଟ ପଜିଟିଭ ସଂଖ୍ୟା ୧୩୬୦ ଛୁଇଁଛି। ସେହିପରି ପୁରୀ ସଦର ବ୍ଲକ ୩୮, ବ୍ରହ୍ମଗିରି ୩୧୨, ନିମାପଡ଼ା ୨୯୬, କଣାସ ୨୫୭, ସତ୍ୟବାଦୀ ୨୦୯, କୃଷ୍ଣପ୍ରସାଦ ୧୯୩, କାକଟପୁର ୧୮୭, ପିପିଲି ୧୮୩, ଅସ୍ତରଙ୍ଗ ୧୫୭, ଡେଲାଙ୍ଗ ୧୧୮ ଛୁଇଁଛି। ଖୋର୍ଦ୍ଧା ପୌର ପରିଷଦରେ ବୁଧବାର ସୁଦ୍ଧା ୩୩୮ ଆକ୍ରାନ୍ତ ହୋଇଥିବାବେଳେ ୨ଶହ ସୁସ୍ଥ ହୋଇଛନ୍ତି। ୧୩୭ ଆକ୍ଟିଭ କେସ୍ ରହିଛି। ସେଥିରୁ ୭୩ଜଣ ହୋମ ଆଇସୋଲେଶନରେ ରହିଛନ୍ତି। ଜଣକ ମୃତ୍ୟୁ ଘଟିଛି। ସହରରେ ସୁସ୍ଥ ହାର ୬୫% ଓ ଆକ୍ଟିଭ କେସ୍ ୩୫% ରହିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୦୨ ଶିଳ୍ପାଂଚଳରୁ ରହିଥିବା ବେଳେ ସେଥିରୁ ୭୯ ଆକ୍ଟିଭ କେଶ ରହିଛି। ପୌରାଞ୍ଚଳରେ ୩୯ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଥିବା ବେଳେ୨୮ଜଣ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି।

## ଚାରିନଳା ହତ୍ୟା ଘଟଣା: ୨ ଗିରଫ

ପୁରୀ ଅଫିସ,୨।୯

ଗତମାସ ୧୮ ତାରିଖରେ ମୁକୁନ୍ଦ ମିଶ୍ର ନଗରର ଦୀପକ ଖୁଣ୍ଟିଆଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ୨ ଅଭିଯୁକ୍ତ ଲୋକନାଥ ରାଉତ ଓରଫ୍ ଦେବୁଲା ଓ ପ୍ରସନ୍ନ ମଲ୍ଲିକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗତ ୧୮ ତାରିଖ ରାତିରେ ଦୀପକ ଚାରିନଳାଠାରେ କେତେଜଣ ସାଙ୍ଗଙ୍କ ସହ ବସିଥିଲେ। ଖଣ୍ଡିଆବନ୍ଧର ଗୋପୀନାଥ ରାଉତ ଓରଫ୍ ଟୁକୁଲା ସେଠାରେ ପହଞ୍ଚି ପୂର୍ବ ବିବାଦକୁ ନେଇ ପାଟିତୁଣ୍ଡ କରିଥିଲେ। ଟୁକୁଲା ତାଙ୍କ ସାନଭାଇ ଦେବୁଲାକୁ ଖବର ଦେଇଥିଲେ। ଦେବୁଲା ସାଙ୍ଗ ପ୍ରସନ୍ନଙ୍କ ସହ ଆସି ଦୀପକଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୀପକ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା (ନଂ.୨୩୨/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

## ଦଶହରା: ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା

କଟକ ଅଫିସ,୨।୯

ଏବେ ଦଶହରା ଆୟୋଜନକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଗଲା। ହାଇକୋର୍ଟ ଗତ ୩୧ ତାରିଖରେ ଦଶହରା ଆୟୋଜନ ନେଇ ଅନୁମତି ଦେଇଥିଲେ। ବୁଧବାର କଟକ ଦଶହରା ନିମନ୍ତେ ଭର୍ଚୁଆଲ ପ୍ଲାଟଫର୍ମରେ ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଦଶହରା ଆୟୋଜନ ଆଗେଇବ ବୋଲି ବୈଠକରେ କୁହାଯାଇଛି।

ଦଶହରା ଆୟୋଜନକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଏ ନେଇ ସହରର ସର୍ବପୁରାତନ ବାଲୁବଜାର ପୂଜା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମୂର୍ତ୍ତି ନିର୍ମାଣ ଓ ପୂଜା ପାଇଁ ହାଇକୋର୍ଟ ଅନୁମତି ଦେଇଥିଲେ। ପୂର୍ବରୁ ଦଶହରା ଆୟୋଜନ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଯେଉଁଥିରେ କରୋନା ଗାଇଡ୍‌ଲାଇନରେ ଚଳିତବର୍ଷ ଦଶହରା ସମ୍ପନ୍ନ ହେବ ବୋଲି ସ୍ଥିର କରାଯାଇଥିଲା। ଚାନ୍ଦିମେଢ଼, ସୁନା ମୁକୁଟ ବିନା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ। ଅଷ୍ଟମୀ ତିଥିରେ ମଣ୍ଡପରେ ଭିଡ଼ କରାଯିବନାହିଁ। ଅଷ୍ଟମୀ ଭୋଗ ଘରେଘରେ ବଣ୍ଟାଯିବ ବୋଲି ସ୍ଥିର କରାଯାଇଥିଲା। ତେବେ ମୃଣ୍ମୟୀ ମୂର୍ତ୍ତି ଉଚ୍ଚତା ୪ରୁ ୫ଫୁଟ ମଧ୍ୟରେ କରାଯିବ ବୋଲି ପୂର୍ବ ବୈଠକରେ ଆଲୋଚନା ହୋଇଥିଲା। ବୁଧବାର ବୈଠକରେ ମଧ୍ୟ ମା'ଙ୍କ ମୂର୍ତ୍ତି ଉଚ୍ଚତାକୁ ନେଇ ଦୀର୍ଘ ସମୟର ଆଲୋଚନା ହୋଇଥିବାବେଳେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ସର୍ବସମ୍ମତି କ୍ରମେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରାଯିବ ବୋଲି ବୈଠକରେ କୁହାଯାଇଥିଲା। କଟକ ଡିସିପି ପ୍ରତୀକ ସିଂ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ ଓ ପୋଲିସ ଦଶହରା ପାଇଁ ସଜାଗ ରହିଛି। ହେଲେ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। କଟକ ମହାନଗର ପୂଜା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କହିଥିଲେ, ଖୁବ୍‌ଶୀଘ୍ର ସରକାର ଏ ନେଇ ନିଷ୍ପତ୍ତି ନେବେ ବୋଲି ଆଶା ରହିଛି। ସମସ୍ତେ ସରକାରଙ୍କ ନିର୍ଦ୍ଦେଶକୁ ମାନି ଦଶହରା ଆୟୋଜନ ପାଇଁ ପ୍ରସ୍ତୁତ ହୋଇଛନ୍ତି ବୋଲି ସେ କହିଥିଲେ। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, କଟକ ମହାନଗର ଶାନ୍ତି କମିଟି, କଟକ ପୂର୍ବାଞ୍ଚଳ ଶାନ୍ତି କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୫ କାର୍, ହୋଟେଲ ଭଙ୍ଗାରୁଜା

ଭୁବନେଶ୍ୱର,୨।୯ (ବ୍ୟୁରୋ)

**ବେହେରାସାହିରେ ଅସାମାଜିକଙ୍କ ଆତଙ୍କ**

- ଖଣ୍ଡା, ଭୁଜାଲି, କଟୁରି ଧରିଥିଲେ ୧୦ରୁ ଊର୍ଦ୍ଧ୍ୱ ଯୁବକ
- ପିସିଆର୍ ପୋଲିସକୁ ଖାତିର ନ କରି ଉତ୍ପାତ କରୁଥିଲେ

ରାଜଧାନୀରେ ଅସାମାଜିକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ହାତରେ ମାରଣାସ୍ତ୍ର ଧରି ଖୁଲମ୍‌ଖୁଲା ଆତଙ୍କ ଖେଳାଉଛନ୍ତି। ମଙ୍ଗଳବାର ରାତିରେ ନୟାପଲ୍ଲୀ ବେହେରାସାହିରେ ୫ରୁ ଊର୍ଦ୍ଧ୍ୱ କାର୍ ସହ ଏକ ହୋଟେଲ ଭଙ୍ଗାରୁଜୁ କରିଛନ୍ତି। କ୍ୟାସ୍ କାଉଣ୍ଟରରୁ ଟଙ୍କା ଲୁଟିନେବା ସହ କର୍ମଚାରୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏ ନେଇ ଥାନାରେ ଏକାଧିକ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି।

ସୂଚନା ମୁତାବକ, ରାତି ପ୍ରାୟ ୧୨ଟା ୫୦ରେ ନୟାପଲ୍ଲୀ ଯୁବ ପରିଷଦ ପାର୍ଶ୍ୱରୁ ୧୦ରୁ ୧୫ ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ହାତରେ ଖଣ୍ଡା, ଭୁଜାଲି ଓ କଟୁରି ଧରି ବାଇକରେ ଆସି ବେହେରା ସାହିରେ ପହଞ୍ଚିଥିଲେ। ସେହି ସମୟରେ ଅଧିକାଂଶ ଲୋକେ ଶୋଇଯାଇଥିଲେ। ହେଲେ ଘର ଆଗରେ ପାର୍କିଂ ହୋଇଥିବା କାର୍‌କୁ ଭଙ୍ଗାରୁଜା କରିବା ସହ ହୋହଲ୍ଲା କରି ଆତଙ୍କ ଖେଳାଇଥିଲେ। କେତେଜଣ ଲୋକ ବାହାରକୁ ଆସି କାର୍ ଭଙ୍ଗାରୁଜା ହେଉଥିବା ଦେଖି ପ୍ରତିବାଦ କରିବାରୁ ଅସାମାଜିକ ଯୁବକମାନେ ମାରଣାସ୍ତ୍ର ଧରି ଗୋଡ଼ାଇବାରୁ ସେମାନେ ଜୀବନ ବିକଳରେ ଘରକୁ ଭିତରକୁ ପଶିଯାଇଥିଲେ। ଏହାପରେ ସେମାନେ ରଞ୍ଜନ ଚୌଧରୀଙ୍କ ମହିନ୍ଦ୍ରା ସ୍କର୍ପିଓ, ଲଲାଟେନ୍ଦୁ ପତିଙ୍କ ମାରୁତି ୱାଗନର, ବିଷ୍ଣୁ ପ୍ରସାଦ ରାଉତଙ୍କ ହ୍ୟୁଣ୍ଡାଇ ଇୟନ, ଟି. କେ. ବରାଳଙ୍କ ମାରୁତି ସେଲେରିଓ, ଟୁଟୁ ସାହୁଙ୍କ ଟାଟା ଏସିଇ ଅଟୋ ଆଦିକୁ ଆକ୍ରମଣ କରି ଭାଙ୍ଗି ଦେଇଥିଲେ। ଏତିକିରେ ମଧ୍ୟ ସେମାନଙ୍କ ମନ ଶାନ୍ତ ହୋଇ ନ ଥିଲା। ବେହେରା ସାହି ଛକରେ ଉପରେ ଥିବା ସୁବାସ ବେହେରାଙ୍କ ହେଟେଲ ଶୁଭଲକ୍ଷ୍ମୀରେ ପଶି ଆତଙ୍କ ଖେଳାଇ ଥିଲେ। ଇତିମଧ୍ୟରେ ପିସିଆର୍ ପୋଲିସ ପହଞ୍ଚିଥିଲେ ମଧ୍ୟ ଖାତିର ନ କରି ହୋଟେଲ କବାଟକୁ କଟୁରୀ ହାଣି ଦେବା ସହ ଭିତରେ ପଶିଥିଲେ। ନିଶାସକ୍ତ ଅବସ୍ଥାରେ ଥିବା ଏହି ଯୁବକମାନଙ୍କୁ ଦେଖି ହେଟେଲ କର୍ମଚାରୀ ଭୟଭୀତ ହୋଇ ଗୋଟିଏ ସ୍ଥାନରେ ଅସହାୟ ଅବସ୍ଥାରେ ଲୁଚି ବସିଥିଲେ। ଶେଷରେ ସେମାନେ ହୋଟେଲର କର୍ମଚାରୀଙ୍କୁ ହତ୍ୟା ଧମକ ଦେଇ ହେଟେଲ ଭଙ୍ଗାରୁଜା କରିବା ସହ କ୍ୟାସ୍ କାଉଣ୍ଟରରୁ ୨୭୦୦ ଟଙ୍କା ନେଇଯାଇଥିଲେ। ହୋଟେଲ ପାଖରେ ଥିବା ଗାଙ୍ଗୁରାମ ଦୋକାନ ସମେତ ଅନ୍ୟ ଦୋକାନଗୁଡିକ କବାଟକୁ ଖଣ୍ଡା, ଭୁଜାଲିରେ ଚୋଟ ମାରି ଫେରାର ହୋଇଯାଇଥିଲେ।

